
ଶ୍ରାବଣ ତୃତୀୟ ସୋମବାର ଉପଲକ୍ଷେ ଶୈବପୀଠରେ ଜଳାଭିଷେକ ପାଇଁ ଭୁବନ ନିକଟ ବ୍ରାହ୍ମଣୀ ନଦୀଘାଟରୁ ମାନସିକଧାରୀ କାଉଡ଼ିଆମାନେ ରବିବାର ଅପରାହ୍ନରେ ଜଳଭାର ଉଠାଉଛନ୍ତି। (ଫଟୋ-ବିପିନ)

# ଦିନ ମଜୁରିଆଙ୍କୁ ଦଳିଦେଲା ହାତୀ

■କାମ କରିବାକୁ ଯାଇ ଫେରିଲେନି
■ରାସ୍ତାକଡ଼ରୁ ମୃତଦେହ ଜବତ

**ସାତମାଇଲ, ୩୧।୭(ଡି.ଏନ୍.ଏ.)**

ମୂଲ ଲାଗି ଘରକୁ ଫେରୁଥିବାବେଳେ ଦଳିଦେଲା ହାତୀ। ଏଥିରେ ଚାଲିଗଲା ଜଣେ ଦିନମଜୁରିଆଙ୍କ ଜୀବନ। ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କନ୍ତିମିଲି ପଞ୍ଚାୟତ ଅନ୍ତର୍ଗତ କୁମୁରିସିଂହା ଗ୍ରାମରେ ଘଟିଛି ଏଭଳି ଏକ ଦୁଃଖଦ ଘଟଣା। ମୃତକ ହେଲେ ବୈଷ୍ଣବ ନାଏକ (୫୦)।

ବୈଷ୍ଣବ ଜଣେ ଦିନମଜୁରିଆ। ସେ ଶନିବାର କାମ କରିବାକୁ ଯାଇ ବିଳମ୍ବିତ ରାତି ସୁଦ୍ଧା ଫେରି ନ ଥିଲେ। ଘର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳି ନ ଥିଲା। ରବିବାର ସକାଳେ ତାଙ୍କ ମୃତଦେହ ଦୁଦୁରୁକୋଟ-କୁମୁରିସିଂହା ରାସ୍ତାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଘରକୁ ଫେରିବା ବେଳେ ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ସ୍ପଷ୍ଟ ହୋଇଛି। ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ପାଇ ବନ କର୍ମଚାରୀ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ କରିଥିଲେ। ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ମିଳିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଏହାପରେ ମୃତଦେହ ବ୍ୟବଚ୍ଛେଦ ଲାଗି ହିନ୍ଦୋଳ ଡାକ୍ତରଖାନାକୁ ପଠାଯାଇଥିଲା। ମୃତ ବୈଷ୍ଣବଙ୍କ ୩ ସନ୍ତାନଙ୍କ ମଧ୍ୟରୁ ୨ ଝିଅପୁଅ ବିବାହିତ। ସାନପୁଅ ବାହାରେ ରହୁଥିବାବେଳେ ସ୍ତ୍ରୀ ଦୃଷ୍ଟିଶକ୍ତି ହରାଇଛନ୍ତି। ସମ୍ପୃକ୍ତ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ହିନ୍ଦୋଳ ରେଞ୍ଜରେ ୨୦୦ରୁ ଊର୍ଦ୍ଧ୍ୱ ହାତୀ ବିଚରଣ କରୁଛନ୍ତି। ସେମାନଙ୍କ ଉପଦ୍ରବରେ ବ୍ୟାପକ ଫସଲ ନଷ୍ଟ ହେଉଥିବାବେଳେ ଧନଜୀବନ ମଧ୍ୟ ହାନି ହେଉଛି। ହାତୀଙ୍କୁ ଘଉଡ଼ାଇବା ଲାଗି ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଓଭରବ୍ରିଜ୍ ତଳକୁ ଖସିପଡ଼ିଲା ବାଲି ବୋଝେଇ ଟ୍ରକ୍



**ଢେଙ୍କାନାଳ ଅଫିସ, ୩୧।୭:** ଢେଙ୍କାନାଳ-କାମାକ୍ଷାନଗର ରାସ୍ତାର ରଣପଶିସ୍ଥିତ ଓଭରବ୍ରିଜ୍‌ର କଂକ୍ରିଟ ବାଡ଼ ଭାଙ୍ଗି ଶନିବାର ବିଳମ୍ବିତ ରାତିରେ ଏକ ବାଲି ବୋଝେଇ ଟ୍ରକ୍ ତଳକୁ ଖସିପଡ଼ିଛି। ଟ୍ରକ୍ ଚାଳକ ଉପସ୍ଥିତ ବୁଦ୍ଧି ଖଟାଇ ଡେଇଁ ପଡ଼ିବାରୁ ବର୍ତ୍ତି ଯାଇଛନ୍ତି। ଟ୍ରକ୍‌ଟି ବ୍ରାହ୍ମଣୀ ନଦୀ ଗେଙ୍ଗୁଟିଆ ଘାଟରୁ ବାଲି ବୋଝେଇ କରି ଢେଙ୍କାନାଳ ଆଡକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଟ୍ରକ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ସଦର ଥାନା ପୋଲିସ ପହଞ୍ଚି ତଦନ୍ତ କରୁଛି।

### ବରିଷ୍ଠ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା




**ସାତମାଇଲ, ୩୧।୭(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟରେ ରବିବାର ବରିଷ୍ଠ କର୍ମଚାରୀ ବିଶ୍ୱନାଥ ଜେନାମଣିଙ୍କୁ ଅବସର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଲେଜ ଅଧକ୍ଷ ଅଶୋକ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧାପକ ଜୟନ୍ତ ନାରାୟଣ ପତି, ଇଂଲିଶ ବିଭାଗ ଅଧାପକ ଅକ୍ଷୟ ପାତ୍ର, ନିର୍ମଳ ପାଣିଗ୍ରାହୀ, ବରିଷ୍ଠ କର୍ମଚାରୀ ମଙ୍ଗରାଜ ପ୍ରଧାନ, ସହାୟକ ଅନିରୁଦ୍ଧ ସାହୁ ପ୍ରମୁଖ ବିଦାୟୀ କର୍ମଚାରୀ ବିଶ୍ୱନାଥଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। କଲେଜର ହୃତଗୌରବ ବଜାୟ ରଖିବା ପାଇଁ ବିଶ୍ୱନାଥ ଛାତ୍ରୀଛାତ୍ରଙ୍କୁ ନିବେଦନ କରିଥିଲେ। ଅଧାପକ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଅର୍ପଣ କରଥିଲେ।

# ପ୍ରକୋଷ୍ଠ ଖୋଜୁଛି ଶ୍ରେଷ୍ଠ ସ୍କୁଲ

**ବିପିନ ବିହାରୀ ସେଠୀ**
**ଭୁବନ, ୩୧।୭**



ନୂଆ ଭୁବନ ନୋଡାଲ ହାଇସ୍କୁଲ।

■୭୩ ବର୍ଷର ନୂଆ ଭୁବନ ହାଇସ୍କୁଲରେ ଶିକ୍ଷକ ସମସ୍ୟା
■୬ଟି କୋଠରିରେ ପଢୁଛନ୍ତି ୧୦ଟି ଶ୍ରେଣୀର ୪୭୫ ପିଲା
■ଗଣିତ ପଢ଼ାଉଥିବା ପ୍ରଧାନ ଶିକ୍ଷକ କରୁଛନ୍ତି କ୍ଲର୍କ କାର୍ଯ୍ୟ



ସ୍ମାର୍ଟ ହୋଇଛି ସ୍କୁଲ୍। ରୂପାନ୍ତରଣ ପରେ ବଦଳିଛି କଳେବର। ଏଲ୍‌ଇଡି ଟିଭି ଲାଗିଛି। ଯୋଗାଇ ଦିଆଯାଇଛି କମ୍ପ୍ୟୁଟର। ନୂଆ ଚେୟାର ସାଙ୍ଗକୁ ଡେସ୍କ ବିପଡ଼ିଛି। ଲାଇବ୍ରେରିରୁ ଲାବୋରେଟୋରି ଯାଏ ସବୁକିଛି ବ୍ୟବସ୍ଥିତ ହୋଇଛି। ହେଲେ ପାଖାପାଖି ୫୦୦ ପିଲାଙ୍କ ଆବଶ୍ୟକ ଶ୍ରେଣୀଗୃହ ବ୍ୟବସ୍ଥା କରିବାକୁ ଭୁଲିଯାଇଛି ଶିକ୍ଷା ବିଭାଗ। ଫଳରେ ବିଦ୍ୟାଳୟ ଘଣ୍ଟି ନ ବାଜୁଣୁ ବସିବା ଲାଗି ଜାଗା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚାଲୁଛି ପ୍ରତିଯୋଗିତା। ୭୩ବର୍ଷ ପୁରାତନ ତଥା ଲଗାତର ୩ବର୍ଷ ଧରି ଢେଙ୍କାନାଳ ଜିଲାରେ ଶ୍ରେଷ୍ଠ ସ୍ଥାନ ହାସଲ କରି ଆସୁଥିବା ନୂଆଭୁବନ ନୋଡାଲ ହାଇସ୍କୁଲରେ ଏଭଳି ଚରମ ଅବ୍ୟବସ୍ଥା ବିଦ୍ୟାଳୟ ରୂପାନ୍ତରଣ ପ୍ରତି ଉପହାସ ବୋଲି ଶିକ୍ଷାବିତ୍, ଅଭିଭାବକମାନେ କହିଛନ୍ତି।

ଦେଶ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଯେଉଁ କେତୋଟି ଶିକ୍ଷାନୁଷ୍ଠାନ ଶିକ୍ଷାର ଆଲୋକବର୍ତ୍ତିକା ସାଜିଥିଲା, ସେଥିରୁ ନୂଆ ଭୁବନ ନୋଡାଲ ହାଇସ୍କୁଲ ଅନ୍ୟତମ। ୧୯୪୯ରୁ ପ୍ରଥମେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାବେ ଆରମ୍ଭ ହୋଇଥିବା ଏହି ଶିକ୍ଷାୟତନରେ ପ୍ରଥମରୁ ୭ମ ଶ୍ରେଣୀ ଯାଏ ଶିକ୍ଷାଦାନ ବ୍ୟବସ୍ଥା ଥିଲା। ୧୯୮୨ରେ ହାଇସ୍କୁଲ ମାନ୍ୟତା ମିଳିବା ପରେ ଯୋଡ଼ି ହୋଇଥିଲା ୮ମରୁ ୧୦ମ ଶ୍ରେଣୀ। ୨୦୧୭ ଜୁଲାଇ ୧୫ରେ ନୋଡାଲ ହାଇସ୍କୁଲ ମାନ୍ୟତା ପାଇଥିବା ଏହି ପୁରାତନ ବିଦ୍ୟାଳୟ ନିକଟରେ '୫-ଟି' ଅନ୍ତର୍ଭୁକ୍ତ ହୋଇଛି। ସ୍କୁଲ ନାଁ ଆଗରେ ଯୋଡ଼ିହୋଇଛି 'ସ୍ମାର୍ଟ'। ହେଲେ ସ୍ମାର୍ଟ ସ୍କୁଲ୍‌ରେ ଲାଗି ରହିଥିବା ଶ୍ରେଣୀଗୃହ ଅଭାବ ସମସ୍ୟା ପ୍ରତି ସତେ ଯେମିତି ଆଖି ବୁଜିଦେଇଛି ଶିକ୍ଷା ବିଭାଗ। ପ୍ରଥମରୁ ଦଶମ ଶ୍ରେଣୀ ଯାଏ ଶିକ୍ଷାଦାନ ବ୍ୟବସ୍ଥା ଥିବା ଏହି ସ୍କୁଲର ୬ଟି ପ୍ରକୋଷ୍ଠରେ ୪୭୫ ପିଲା ଖୁନ୍ଦାଖୁନ୍ଦି ହୋଇ ବସୁଛନ୍ତି। ଦୀର୍ଘଦିନ ହେଲା କିରାଣି ଏବଂ ପିଅନ ପଦବୀ ଖାଲିପଡ଼ିଛି। ଗଣିତ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ପଢ଼ାଉଥିବା ପ୍ରଧାନ ଶିକ୍ଷକ କ୍ଲର୍କ ଦାୟିତ୍ୱ ତୁଲାଉଥିବାବେଳେ ଶିକ୍ଷାଦାନ ପ୍ରଭାବିତ ହେଉଛି।

ବିଦ୍ୟାଳୟ ରୂପାନ୍ତରଣ ପରେ ୨ଟି ପ୍ରକୋଷ୍ଠକୁ ସ୍ମାର୍ଟ କ୍ଲାସ ରୁମ୍ କରାଯାଇଥିବାବେଳେ ଗୋଟିଏରେ କମ୍ପ୍ୟୁଟର ଶିକ୍ଷାଦାନ ଚାଲିଛି। ଫଳରେ ଶ୍ରେଣୀଗୃହ ସଂଖ୍ୟା ସଙ୍କୁଚିତ ହୋଇଯାଇଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ପିଲାମାନେ ଗୋଟିଏ ପ୍ରକୋଷ୍ଠରେ ଦୟନୀୟ ଅବସ୍ଥାରେ ବସୁଛନ୍ତି। ୮ମ, ୯ମ ଏବଂ ୧୦ମ ଶ୍ରେଣୀ ପ୍ରତ୍ୟେକରେ ୭୦ରୁ ଊର୍ଦ୍ଧ୍ୱ ପିଲା ଥିବାବେଳେ ଶିକ୍ଷକ ଅଭାବରୁ ସେକ୍ସନ କରି ପାଠ ପଢ଼ା ହୋଇପାରୁନାହିଁ। ପିଲାସଂଖ୍ୟା ତୁଳନାରେ ଜାଗା ଅଭାବରୁ ସମସ୍ତେ ସ୍ମାର୍ଟ କ୍ଲାସ ଏବଂ କମ୍ପ୍ୟୁଟର ଶିକ୍ଷାର ଲାଭ ଉଠାଇପାରୁନାହାନ୍ତି। ସେହିପରି ୧୦ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରୁ ଗଣିତ ଏବଂ ବିଜ୍ଞାନରେ କେବଳ ଜଣେ ଲେଖାଏ ଅଛନ୍ତି। ଗଣିତ ବିଷୟ ପଢ଼ାଉଥିବା ଶିକ୍ଷକ ପ୍ରଧାନ ଶିକ୍ଷକ ଦାୟିତ୍ୱ ସମ୍ଭାଳୁଛନ୍ତି। କିରାଣି ନ ଥିବାରୁ ମଧ୍ୟାହ୍ନ ଭୋଜନଠାରୁ ଆରମ୍ଭ କରି ଆନୁଷଙ୍ଗିକ କାର୍ଯ୍ୟାଳୟ କାମ ତାଙ୍କ ଉପରେ ପଡୁଛି। ଫଳରେ ଗଣିତ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଶିକ୍ଷାଦାନ ଆକର୍ଷଣୀୟ ହୋଇପାରୁନାହିଁ। ଅପରପକ୍ଷେ ବିଦ୍ୟାଳୟରେ ଖେଳପଡ଼ିଆ ନ ଥିବାରୁ ଛାତ୍ରୀଛାତ୍ର କ୍ରୀଡ଼ା ଅଭ୍ୟାସରୁ ବଞ୍ଚିତ ହେଉଛନ୍ତି। ସ୍କୁଲ ଚାରିପଟେ ଥିବା ସରକାରୀ ଜମି ଜବରଦଖଲ ମୁକ୍ତ କରି ଏହାକୁ ଖେଳପଡ଼ିଆ ଭାବେ ବ୍ୟବହାର କରାଗଲେ ପିଲାମାନେ ଉପକୃତ ହୋଇପାରନ୍ତେ ବୋଲି ଅଭିଭାବକ କହିଛନ୍ତି। ମାଳମାଳ ସମସ୍ୟା ସତ୍ତ୍ୱେ ଭୁବନ ନୋଡାଲ ହାଇସ୍କୁଲ ୩ବର୍ଷ ହେଲା ଜିଲାରେ ଶ୍ରେଷ୍ଠ ସ୍ଥାନ ହାସଲ କରି ଆସୁଛି। ସଦ୍ୟ ପ୍ରକାଶିତ ମାଟ୍ରିକ୍ ପରୀକ୍ଷାରେ ଶିକ୍ଷାନୁଷ୍ଠାନର ଓମ୍ ପ୍ରକାଶ ସାହୁ ଜିଲା ଟପ୍ପର ହୋଇଛନ୍ତି। ଶ୍ରେଣୀଗୃହ ସମସ୍ୟାର ସମାଧାନ, ଖାଲି ପଡ଼ିଥିବା ପଦବୀ ପୂରଣ ସହ ଅଧିକ ଶିକ୍ଷକ ନିଯୁକ୍ତି ଦିଆଗଲେ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ରାଜ୍ୟସ୍ତରରେ ଭଲ ପ୍ରଦର୍ଶନ କରିବେ ବୋଲି ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି।

### ଶିକ୍ଷକ ସଂଖ୍ୟା ବଢ଼ାଯାଉ

"ଉନ୍ନତମାନର ଶିକ୍ଷା ପାଇଁ ଭୁବନ ନୋଡାଲ ବିଦ୍ୟାଳୟର ପରିଚୟ ରହିଛି। ସ୍କୁଲରେ ଶ୍ରେଣୀଗୃହ ଅଭାବ ସମସ୍ୟା ରହିଛି। ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ବିଜ୍ଞାନ, ଗଣିତ ଭଳି ବିଭାଗରେ ଅଧିକ ଶିକ୍ଷକ ନିଯୁକ୍ତି ହେଲେ ପାଠପଢ଼ା ଆହୁରି ଭଲ ହୁଅନ୍ତା।

-ଓମ୍ ପ୍ରକାଶ ସାହୁ, ମାଟ୍ରିକ୍ ପରୀକ୍ଷାରେ ଜିଲା ଟପ୍ପର

### ଅଧିକ ୪ ଶ୍ରେଣୀ ଗୃହ ଆବଶ୍ୟକ

"ଶିକ୍ଷାଦାନ ଏବଂ ମାଟ୍ରିକ ଫଳାଫଳରେ ଭୁବନ ନୋଡାଲ ବିଦ୍ୟାଳୟ ଉଦାହରଣ ପାଲଟିଛି। ବର୍ଷକୁ ବର୍ଷ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢୁଛି। ତେଣୁ ଶିକ୍ଷା ବିଭାଗ ସ୍କୁଲରେ ଆଉ ୪ଟି ଶ୍ରେଣୀ ଗୃହ ନିର୍ମାଣ କଲେ ସମସ୍ୟାର ସମାଧାନ ହୋଇପାରନ୍ତା।

-ହରିହର ସାହୁ, ସ୍କୁଲ ପ୍ରତିଷ୍ଠାତା

### ପିଲାଙ୍କ ପାଇଁ ଖେଳପଡ଼ିଆ ନାହିଁ

"ଟାଇଲ ଛପର ଘରୁ ଆରମ୍ଭ ହୋଇଥିବା ବିଦ୍ୟାଳୟ ସ୍ମାର୍ଟସ୍କୁଲ ହୋଇଛି। ଶିକ୍ଷକଙ୍କ ଉଦ୍ୟମ, ସରକାରଙ୍କ ପ୍ରଚେଷ୍ଟାରେ ଜିଲାରେ ଶ୍ରେଷ୍ଠ ସ୍ଥାନ ହାସଲ କରିବାର ଗୌରବ ହାସଲ କରିଛି। ତେବେ ଖେଳପଡ଼ିଆ ନ ଥିବାରୁ ପିଲାମାନେ କ୍ରୀଡ଼ା ଅଭ୍ୟାସ କରିପାରୁନାହାନ୍ତି।

-ନରେନ୍ଦ୍ର କୁମାର ସାହୁ, ପୂର୍ବତନ ପରିଚାଳନା କମିଟି ସଭାପତି

### ସହଯୋଗ ମିଳିଲେ ପିଲାଏ ଉପକୃତ ହେବେ

"ସ୍କୁଲରେ ପାଠପଢ଼ା ପରେ ନିଃଶୁଳ୍କରେ ଅତିରିକ୍ତ ଶିକ୍ଷାଦାନ କରାଯାଉଛି। ବିଦ୍ୟାଳୟକୁ ଶ୍ରେଷ୍ଠ ସ୍ଥାନକୁ ନେବା ପାଇଁ ଯେଉଁ ଉଦ୍ୟମ କରାଯାଇଥିଲା, ତାହା ସଫଳ ହୋଇଛି। ସମସ୍ତଙ୍କ ସହଯୋଗ ମିଳିଲେ ଛାତ୍ରୀଛାତ୍ରମାନେ ଉପକୃତ ହୋଇପାରିବେ।

-ଖଗେଶ୍ୱର ବେହେରା, ସହକାରୀ ଶିକ୍ଷକ

### ପଦବୀ ପୂରଣ ହେଲେ କାର୍ଯ୍ୟଚାପ କମିବ

"ବିଦ୍ୟାଳୟରେ ଶିକ୍ଷକ ଓ ଶ୍ରେଣୀଗୃହ ଅଭାବ ସମସ୍ୟା ରହିଛି। ଖାଲି ପଡ଼ିଥିବା ପିଅନ, କିରାଣି ପଦବୀରେ ସ୍ଥାୟୀ ନିଯୁକ୍ତି ମିଳିଲେ ଠିକ୍ ଭାବେ କାମ ହୋଇପାରିବ। ପାଠପଢ଼ା ଆହୁରି ବ୍ୟବସ୍ଥିତ ହେବ। ଏବେ ଯେଉଁ ଅତିରିକ୍ତ କାର୍ଯ୍ୟଚାପ ରହୁଛି, ତାହା ଅନେକାଂଶରେ କମିବ।

-ବିଜୟ କୁମାର ଆଚାର୍ଯ୍ୟ, ପ୍ରଧାନ ଶିକ୍ଷକ

# ଡିଆଇପିଆର୍‌ଓଙ୍କ ଅବସର


ଅବସର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଦାୟୀ ଡିଆଇପିଆର୍‌ଓ, ଭାରପ୍ରାପ୍ତ ଡିଆଇପିଆର୍‌ଓଙ୍କ ସମେତ ବିଭାଗୀୟ ଅଧିକାରୀମାନେ।

**ଢେଙ୍କାନାଳ ଅଫିସ, ୩୧।୭**

ଢେଙ୍କାନାଳ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) ସାରଦା ପ୍ରସାଦ ମହାନ୍ତି ରବିବାର ଅବସର ଗ୍ରହଣ କରିଛନ୍ତି। ତାଙ୍କୁ କାର୍ଯ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅଧିକାରୀ ଓ କର୍ମଚାରୀମାନେ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି। ଭାରପ୍ରାପ୍ତ ଡିଆଇପିଆର୍‌ଓ ରମେଶ ଚନ୍ଦ୍ର ସାହୁ, କର୍ମଚାରୀ ସୁବାସ ଚନ୍ଦ୍ର ବିଶ୍ୱାଳ, କୈଳାସ ଚନ୍ଦ୍ର ଦାସ, ଜିତେନ୍ଦ୍ର ଦାସ, ଲକ୍ଷ୍ମୀଧର ସାହାଣୀ, ବିଜୟ ବେହେରା, ବିଦ୍ୟାଧର ବେହେରା, ଶରତ ବେହେରା, ହାଡ଼ିବନ୍ଧୁ ସାହୁ, ଅଜିତ୍ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦାୟିତ୍ୱ ନେଇଥିବା ନୂତନ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ସ୍ୱାଗତ କରାଯାଇଥିଲା। ସୂଚନାଯୋଗ୍ୟ, ବିଦାୟୀ ଡିଆଇପିଆର୍‌ଓ ମହାନ୍ତି ୧୯୮୪ରୁ ୨୦୧୦ ଯାଏ କଟକ ପଢ଼ିଆରୀ ପାଠାଗାରରେ ଗ୍ରାନ୍ଥାଗାରିକ, ୨୦୧୦ରୁ ୨୦୨୧ ଯାଏ କଟକ ଜିଲା ଆଠଗଡ଼ ଓ ବାଙ୍କୀ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୨୧ ଏପ୍ରିଲରେ ସେ ଢେଙ୍କାନାଳ ଡିଆଇପିଆର୍‌ଓ ଭାବେ ଯୋଗଦେଇଥିଲେ।

# କ୍ଷେତ୍ର ବୁଲିଲେ, ପରାମର୍ଶ ଦେଲେ

### ଢେଙ୍କାନାଳରେ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ

**ଢେଙ୍କାନାଳ ଅଫିସ, ୩୧।୭**


ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା କ୍ଷେତ ପୋଖରୀ ବୁଲି ଦେଖୁଛନ୍ତି।

ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ରବିବାରଠାରୁ ଦୁଇଦିନିଆ ଢେଙ୍କାନାଳ ଜିଲା ଗସ୍ତରେ ଆସିଛନ୍ତି। ପ୍ରଥମ ଦିବସରେ ସେ ହିନ୍ଦୋଳ ଏବଂ ଓଡ଼ାପଡ଼ା ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜଳ ବିଭାଜିକା ପ୍ରକଳ୍ପ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପ କାର୍ଯ୍ୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଚାଷୀଙ୍କୁ ଉନ୍ନତ ଚାଷ ପ୍ରଣାଳୀ ବିଷୟରେ ପରାମର୍ଶ ଦେଇଥିଲେ।

ହିନ୍ଦୋଳ ବ୍ଲକର ବଲସର, ହାତୁରା ଓ ପଡ଼ା ଗ୍ରାମବାସୀଙ୍କ ସାମୂହିକ ବ୍ୟବହାର ପାଇଁ ଜଳ ବିଭାଜିକା ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହି ଯୋଜନାର ସଫଳ କାର୍ଯ୍ୟକାରିତା ବିଷୟରେ ନିର୍ଦ୍ଦେଶକ ପଣ୍ଡା ଆଲୋଚନା କରିଥିଲେ। ଓଡ଼ାପଡ଼ା ବ୍ଲକ ଭୁବନପୁର ଗ୍ରାମର କ୍ଷେତ ପୋଖରୀ ପରିଦର୍ଶନ କରି ପୋଖରୀ ହୁଡ଼ାରେ ବିଭିନ୍ନ କିସମର ପରିବା ଚାଷ କରିବା ପାଇଁ ହିତାଧିକାରୀ ବିଜୟ କୁମାର ବେହେରାଙ୍କୁ ପରାମର୍ଶ ଦେଇଥିଲେ। କାଳିକାପ୍ରସାଦ ଗ୍ରାମରେ ଗତବର୍ଷ ୬ ହେକ୍ଟର ଜମିରେ ଲଗାଯାଇଥିବା କାଜୁ ବଗିଚା ବୁଲି ଦେଖିବା ସହ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ବଗିଚାରେ ଅଦା, ସାରୁ, ପରିବା ସମେତ ବିଭିନ୍ନ ଅନ୍ତଃ ଚାଷ କରାଯାଇଥିବା ଦେଖି ସେ ସନ୍ତୋଷ ବ୍ୟକ୍ତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ସ୍ୱାଇଁ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ସନ୍ତୋଷ କୁମାର ରଥ, ଓଡ଼ାପଡ଼ା ପ୍ରକଳ୍ପ କାର୍ଯ୍ୟକାରୀ ଅଧିକାରୀ ଆନନ୍ଦ ଚନ୍ଦ୍ର ଲେଙ୍କାଙ୍କ ସହ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ସୋମବାର, ୧ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ପୋଖରୀରୁ ମିଳିଲା ନିଖୋଜ ମହିଳାଙ୍କ ମୃତଦେହ

ସିମୁଳିଆ,୩୧।୭(ଡି.ଏନ.ଏ.)- ବାଲେଶ୍ୱର ଜିଲା ସିମୁଳିଆ ଥାନା ପାହିତୋରଣା ପଞ୍ଚାୟତର ଦୋରା ଅଞ୍ଚଳରୁ ନିଖୋଜ ଥିବା କୁନୁଲତା ନାୟକ(୩୫) ନାମ୍ନୀ ଜଣେ ମହିଳାଙ୍କ ମୃତଦେହ ରବିବାର ପୋଖରୀରୁ ଉଦ୍ଧାର ହୋଇଛି। ତାଙ୍କ ବେକ ଓ ଗୋଡ଼ରେ ଚିପସ୍ ଭର୍ତ୍ତି ଅଖା ବନ୍ଧାଯାଇ ପୋଖରୀରେ ଫିଙ୍ଗି ଦିଆଯାଇଥିବା ଦେଖିବାକୁ ମିଳିଛି। ସ୍ୱାମୀ ଧନେଶ୍ୱର ଫେରାର ଥିବାରୁ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ।

ପ୍ରକାଶ ଯେ, ୧୭ବର୍ଷ ପୂର୍ବେ ଭଦ୍ରକ ଜିଲା ଘଣ୍ଟେଶ୍ୱର ଅଞ୍ଚଳର ଧନେଶ୍ୱର ବାଲିମେଦପୁର ଅଞ୍ଚଳର କୁନିଲତାଙ୍କୁ ପ୍ରେମ ବିବାହ କରି ସିମୁଳିଆର ଦୋରା ଅଞ୍ଚଳରେ ରହିଆସୁଥିଲେ। ସେମାନଙ୍କର ଦୁଇ ନାବାଳକ ପୁତ୍ର ଅଛନ୍ତି। ବଡ଼ପୁଅ ଘଣ୍ଟେଶ୍ୱର ଗାଁରେ ଥିବା ଜେଜେବାପାଙ୍କ ପାଖରେ ରହି ପଢୁଛନ୍ତି। ସାନପୁଅଙ୍କୁ ଧରି କୁନୁଲତା ଓ ଧନେଶ୍ୱର ଦୋରା ଗାଁରେ ରହିଆସୁଥିଲେ। ତେବେ ସେମାନଙ୍କ ଭିତରେ କୌଣସି ପ୍ରକାରର ମତଭେଦ ନ ଥିବା କିମ୍ବା ପାଟିତୁଣ୍ଡ ହୋଇ ନ ଥିବା ପଡ଼ୋଶୀମାନେ କହିଥିବା ବେଳେ ଗତ ୨୯ ତାରିଖରୁ କୁନିଲତା କିମ୍ବା ଧନେଶ୍ୱରଙ୍କୁ ଦେଖିବାକୁ ମିଳି ନ ଥିଲା। ଘର ବନ୍ଦ ରହିବା ଏବଂ ଉଭୟଙ୍କ ଫୋନ୍ ସୁଇଚ୍ ଅଫ୍ ଥିବାରୁ ସନ୍ଦେହରେ ପଡ଼ୋଶୀ ପୋଲିସକୁ ଜଣାଇଥିଲେ। ପୋଲିସ ଏବଂ ଗ୍ରାମବାସୀ ଖୋଜାଖୋଜି କରି ସେମାନଙ୍କୁ ପାଇ ନ ଥିବା ବେଳେ ରବିବାର ପୂର୍ବାହ୍ନରେ ଘର ନିକଟସ୍ଥ ଏକ ପୋଖରୀରୁ କୁନୁଲତାଙ୍କ ମୃତଦେହ ମିଳିଥିଲା। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନାକୁ ପଠାଇଛି। ସ୍ୱାମୀ ଧନେଶ୍ୱର ସାନପୁଅକୁ ନେଇ ନିଜ ଗାଁରେ ଛାଡ଼ି ଦେଇ ଫେରାର ହୋଇଯାଇଥିବା ବେଳେ ସେ ଧରାପଡ଼ିଲେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ପୋଲିସ କହିଛି।

### ପୁଣି ଟ୍ରକ୍ ଧକ୍କାରେ ୪ ଗୋରୁ ମୃତ

ପାଟଣା,୩୧।୭(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଖିରେଇଟାଙ୍ଗିରି ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ଖିରେଇଟାଙ୍ଗିରି ବ୍ୟାଙ୍କ ନିକଟରେ ରବିବାର ସକାଳେ ଟ୍ରକ୍ ଧକ୍କାରେ ୪ ଗୋରୁଙ୍କ ମୃତ୍ୟୁ ଘଟିଛି। ୩ ଗୋରୁ ଗୁରୁତର ହୋଇଛନ୍ତି। ପ୍ରାଣୀଧନ ନିରୀକ୍ଷକଙ୍କ ଦ୍ୱାରା ଗୁରୁତର ଗୋରୁଙ୍କ ଚିକିତ୍ସା ଜାରି ରହିଛି। ସୂଚନା ଅନୁଯାୟୀ, ସକାଳୁ ଡଳଙ୍ଗ ଗ୍ରାମର କେତେକ ଲୋକ ବଳଦଗୁଡ଼ିକୁ ବିକ୍ରି କରିବା ପାଇଁ ନିକଟସ୍ଥ ବେଲଦା ହାଟକୁ ନେଉଥିବା ସମୟରେ ଏକ ଟ୍ରକ୍ ଗୋରୁମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଛି। ତୁରୁମୁଙ୍ଗା ପୋଲିସ ପହଞ୍ଚି ଟୋଲ୍‌ଗେଟର ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଛି। ରାଜପଥ ଉପରେ ପଡିଥିବା ମୃତ ଗୋରୁଙ୍କୁ ଏନ୍‌ଏଚ୍‌ଆଇ ପକ୍ଷରୁ ଉଠାଯାଇ ଟୋଲ ଗେଟ ନିକଟ ପଡ଼ିଆରେ ପୋତି ଦିଆଯାଇଛି। ପ୍ରକାଶଥାଉକି, ଗତ ଗୁରବାର ବିଳମ୍ବିତ ରାତିରେ ଉକ୍ତ ରାଜପଥର ଝାରବେଡା ନିକଟରେ ଅଜଣା ଟ୍ରକ୍ ଧକ୍କାରେ ୨ ଗୋରୁଙ୍କ ମୃତ୍ୟୁ ଘଟିଥିଲା। ଦ୍ରୁତଗତିରେ ଗାଡ଼ି ଚଳାଚଳ ପାଇଁ ଏହି ରାଜପଥରେ ବାରମ୍ବାର ଦୁର୍ଘଟଣାରେ ବହୁ ଧନଜୀବନ ହାନି ଘଟୁଥିବାରୁ ଆରଟିଓ ଏବଯ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ଯୋଗାଣ ବିଭାଗ

**ଅନୁଗୋଳ ଅଫିସ, ୩୧।୭**





ଅନୁଗୋଳ ଜିଲାର କେତୋଟି ପେଟ୍ରୋଲ ପମ୍ପରେ ବିଭିନ୍ନ ମୌଳିକ ସୁବିଧା ଉପଲବ୍ଧ ନାହିଁ। ଏପରି କି ଆବଶ୍ୟକ ସୁରକ୍ଷା ସରଞ୍ଜାମ ରଖାଯାଉ ନାହିଁ। ବିଭିନ୍ନ ସମୟରେ ଉପଖଣ୍ଡସ୍ତରୀୟ ଅଧିକାରୀମାନେ କରିଥିବା ଯାଞ୍ଚ ବେଳେ ଏହା ଜଣାପଡ଼ିଛି। ଏ ନେଇ ଯୋଗାଣ ବିଭାଗକୁ ରିପୋର୍ଟ ମଧ୍ୟ କରାଯାଇଛି। କିନ୍ତୁ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକାଶ ଯେ, ପେଟ୍ରୋଲ ପମ୍ପ ଅନୁମତି ପାଇଁ ଯୋଗାଣ ବିଭାଗରେ ଆବେଦନ କରିବାକୁ ପଡ଼ିଥାଏ। ଏହାପରେ ଯୋଗାଣ ବିଭାଗ ଭିତ୍ତିଭୂମି ଓ ଆନୁସଙ୍ଗିକ ବ୍ୟବସ୍ଥା ଦେଖି ଅନୁମତି ପ୍ରଦାନ କରିଥାଏ। ପେଟ୍ରୋଲ ପମ୍ପରେ ଗ୍ରାହକଙ୍କ ପାଇଁ କି କି ସୁବିଧା ରହିବ, ସୁରକ୍ଷା ପାଇଁ ଅନୁସଙ୍ଗିକ ସରଞ୍ଜାମର ତାଲିକା ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥାଏ। କିନ୍ତୁ ଅନୁଗୋଳ ଜିଲାରେ ଥିବା ୫୦ରୁ ଅଧିକ ପେଟ୍ରୋଲ ପମ୍ପରେ ଏସବୁଥିରେ ଖିଲାପ ଦେଖିବାକୁ ମିଳିଛି। ଗ୍ରାହକଙ୍କ ସୁବିଧା ତ ଦୂରର କଥା ଅଗ୍ନି ନିରାପତ୍ତା ବ୍ୟବସ୍ଥା ମଧ୍ୟ ନାହିଁ। ଅନେକ ପେଟ୍ରୋଲ ପମ୍ପର ଫାୟାର ଫାଇଟିଙ୍ଗ ସ୍ଥାନରେ ଖାଲି ବାଲ୍ଟି ଝୁଲାଯାଇଛି। ତେଲ ପକାଉଥିବା ସମୟରେ କର୍ମଚାରୀ ମୋବାଇଲ ବ୍ୟବହାର କରୁଛନ୍ତି। କେତେକ ପମ୍ପର କର୍ମଚାରୀ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ପାଇନାହାନ୍ତି। ଅଗ୍ନିନିରାପତ୍ତା ଯନ୍ତ୍ରାଂଶରେ କଳିଙ୍କି ଲାଗିଗଲାଣି। ଏସବୁ ତଥ୍ୟ ଜିଲା ପ୍ରଶାସନର ପକ୍ଷରୁ ବିଭିନ୍ନ ପେଟ୍ରୋଲ ପମ୍ପରେ ଯାଞ୍ଚ ସମୟରେ ପଦାକୁ ଆସିଛି।

### ପେଟ୍ରୋଲ ପମ୍ପରେ ନାହିଁ ସୁରକ୍ଷା ସରଞ୍ଜାମ

ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଯାଞ୍ଚ ରିପୋର୍ଟକୁ ଯୋଗାଣ ବିଭାଗକୁ ପ୍ରଦାନ କରିଥିଲେ ମଧ୍ୟ ଜିଲା ଯୋଗାଣ ଅଧିକାରୀ ଏହା ଲିଖିତ ଭାବେ ଦେବାକୁ ଚାହୁଁଛନ୍ତି। ଫଳରେ ଏଯାଏ ଅବହେଳା କରିଥିବା ପେଟ୍ରୋଲ ପମ୍ପ ଉପରେ ଜରିମାନା ଲଗାଯାଇ ନାହିଁ କି ମାଲିକମାନଙ୍କୁ ତାଗିଦ୍ କରାଯାଇ ନ ଥିବା ଜଣାପଡ଼ିଛି। ଏ ନେଇ ଯୋଗାଣ ବିଭାଗ ଅଧିକାରୀ ସ୍ମିତା ନାଏକ କହିଛନ୍ତି, ଏପରି ଅବହେଳା ଘଟଣା ନଜରକୁ ଆସିଛି। ଏ ନେଇ ପେଟ୍ରୋଲ ପମ୍ପ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ‘କେନ୍ଦ୍ରୀୟ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଅ’





ବୈଠକରେ ମଞ୍ଚାସୀନ କର୍ମକର୍ତ୍ତାମାନେ।

**ଖମାର, ୩୧।୭ (ଡି.ଏନ.ଏ.)**

ପାଲଲହଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖମାର ମଣ୍ଡଳ ଭାଜପାର ପଞ୍ଚମ କାର୍ଯ୍ୟକାରିଣୀ ବୈଠକ ମଣ୍ଡଳ ସଭାପତି ଗୌରଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଇଞ୍ଜିଡି ହାଟ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଦିଲେଶ୍ୱର ବେହେରା ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲାବେଳେ ଜିଲା ଉପସଭାପତି ଲିଙ୍ଗରାଜ ଦାସ ଏହାକୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଯୋଗଦେଇ ସରକାର ଚାଷୀଙ୍କୁ ସାର ଯୋଗାଇ ନ ପାରିବା, ରଜତଙ୍ଗ, ମୁଣ୍ଡରିବେଢ଼ା, ଇଞ୍ଜିଡ଼ି ଆଦି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବା, ଖମାର ମେଡିକାଲରେ ଏକ୍ସ-ରେ ମେସିନ ଥାଇ ସୁଦ୍ଧା ତାହା କାର୍ଯ୍ୟକ୍ଷମ ହୋଇ ନ ପାରିବା, ଜଳସେଚନ ନ ଥିବାରୁ ମରୁଡି ଅବସ୍ଥା ଦେଖାଦେବା ଆଦି ସମସ୍ୟା ବଢି ଚାଲିଛି ବୋଲି କହିଥିଲେ। ବାରମ୍ବାର ବିଜୁଳି କାଟ ଓ ଅତ୍ୟଧିକ ବିଜୁଳି ବିଲ୍ ଆଦାୟକୁ କାର୍ଯ୍ୟକାରିଣୀରେ ନିନ୍ଦା କରାଯାଇଥିଲା। ଏଥିସହ କେନ୍ଦ୍ର ସରକାରଙ୍କ ଗରିବ କଲ୍ୟାଣ ଯୋଜନାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ କାର୍ଯ୍ୟକର୍ତ୍ତାଙ୍କୁ ଅନୁରୋଧ କରାଯାଇଥିଲା। ବୈଠକରେ ନିର୍ବାଚନ ମଣ୍ଡଳୀ ସଂଯୋଜକ ଚନ୍ଦନ ସ୍ୱରାଜ, ପୂର୍ବତନ ଜିଲା ପରିଷଦ ସଦସ୍ୟ ସରୋଜ ସାହୁ, ହିମାଂଶୁ ସାହୁ, ଛବି ସାହୁ, ସତ୍ୟ ନାରାୟଣ ସାମଲ, ଶିଶିର ନନ୍ଦ, ସ୍ୱର୍ଣ୍ଣଲତା ସାହୁ, ଶୁରୁମଣି ଚାତର, ପଦ୍ମନାଭ ସାମଲ, ଦିଲୀପ ପ୍ରଧାନ, ଗୁନା ପ୍ରଧାନ, ଶିପୁନ ପ୍ରଧାନ, ମଦନ ସାହୁ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବାଘଙ୍କ ସୁରକ୍ଷାରେ ଲୋକଙ୍କ ସହଯୋଗ ଜରୁରୀ





ବାଘ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାମାନେ।

**ଅନୁଗୋଳ ଅଫିସ, ୩୧।୭**

### ଅନ୍ତର୍ଜାତୀୟ ବାଘ ଦିବସ ପାଳନ

ଓଡ଼ିଶାରେ ବାଘ ପାଇଁ ଉପଯୋଗୀ ଜଙ୍ଗଲ ଓ ଆବାସସ୍ଥଳୀ ରହିଛି। କିନ୍ତୁ ବାଘ ବଂଶ ବୃଦ୍ଧି ଆଶାଜନକ ନୁହେଁ। ବାଘଙ୍କ ସୁରକ୍ଷା ଓ ପରିଚାଳନାରେ ଜନସାଧାରଣଙ୍କ ସହଭାଗିତା ଏବଂ ସହଯୋଗ ଏକାନ୍ତ ଆବଶ୍ୟକ। ଅନ୍ତର୍ଜାତୀୟ ବାଘ ଦିବସ ପାଳନ ଅବସରରେ ଅନୁଗୋଳ ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରନ୍ତଲେଇ ଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଏହି ମତପ୍ରକାଶ ପାଇଛି। ପ୍ରକୃତି ପରିବେଶ ଓ ବନ୍ୟପ୍ରାଣୀ ସମିତି (ନିୟୁଜ) ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷକ ପବିତ୍ର ମୋହନ ପ୍ରଧାନ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ୟଜନ୍ତୁ ପ୍ରେମୀ ଅଶୋକ ଶତପଥୀ, ଶିକ୍ଷାବିତ୍ ସରୋଜ ପାଣିଗ୍ରାହୀ, ସମିତି ସମ୍ପାଦକ ପ୍ରସନ୍ନ କୁମାର ବେହେରା ପ୍ରମୁଖ ବାଘଙ୍କ ସାମାଜିକ ସ୍ଥିତି, ବ୍ୟବହାରିକ ଜୀବନ ପ୍ରଣାଳୀ, ଖାଦ୍ୟ ପାନୀୟ, ବାସସ୍ଥଳୀ ଏବଂ ସେମାନଙ୍କ ପ୍ରତି ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବାଘ ବାସସ୍ଥଳୀର ସୁରକ୍ଷା ଓ ଉନ୍ନତି, ବାଘ ପ୍ରତି ଥିବା ଶିକାର ବିପଦର ପ୍ରତିରୋଧର ଉପାୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷକରି ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ପରିବେଶୀୟ ଗୁରୁତ୍ୱକୁ ଜାଣିବା ସହିତ ସଂରକ୍ଷଣ ଓ ପରିଚାଳନା ଏବଂ ଅଧିବାସୀଙ୍କ ଜୀବନଜୀବିକା ନିରାପତ୍ତାରେ ସହଯୋଗ ମନୋଭାବ ଉପରେ ଚର୍ଚ୍ଚା ହୋଇଥିଲା। ଏହି ଅବସରରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ଜିତେନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମିତି ସଂଯୋଜକ ଯଶୋବନ୍ତ ସାହୁ, ପ୍ରିୟବ୍ରତ ବେହେରା ଏବଂ ସହକାରୀ ଶିକ୍ଷକ ପ୍ରଦୀପ କୁମାର ସାହୁ ଓ ସୁବ୍ରତ କୁମାର ସ୍ୱାଇଁ ସହଯୋଗ କରିଥିଲେ।

# ଦୋଷୀଙ୍କୁ ବର୍ଷେ ଜେଲ

### ୩୫ ବର୍ଷ ପରେ ପ୍ରକାଶ ପାଇଲା ରାୟ

**ବାଲେଶ୍ୱର ଅଫିସ,୩୧।୭**

ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବିଚାରପତି ଶିଖାରାଣୀ ରଥ ୩୫ ବର୍ଷ ପୂର୍ବରୁ ହୋଇଥିବା ଏକ ସରକାରୀ ଅର୍ଥ ହଡ଼ପ ମାମଲାର ବିଚାର କରି ଦୋଷୀଙ୍କୁ ୧ବର୍ଷ ଜେଲଦଣ୍ଡ ସହ ୧୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୨ମାସ ଅଧିକ ଜେଲଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଭଦ୍ରକ ଜିଲା ତିହିଡ଼ି ବ୍ଲକର ଅବସରପ୍ରାପ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ହୃଷିକେଶ ମଲ୍ଲିକ।

ପ୍ରକାଶ ଯେ, ୧୯୮୨ ଏପ୍ରିଲ ୬ରୁ ୧୯୮୫ ଜୁନ୍ ୨୪ ପର୍ଯ୍ୟନ୍ତ ଏବଂ ୧୯୮୫ ସେପ୍ଟେମ୍ବର ୨୦ରୁ ୧୯୮୬ ଜାନୁଆରୀ ୧୬ ତାରିଖ ପର୍ଯ୍ୟନ୍ତ ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ପ୍ରି-ମାଟ୍ରିକରେ ପଢୁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ସ୍କଲାରସିପ୍ ଟଙ୍କା ତତ୍କାଳୀନ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଲ୍ଲିକ ହଡ଼ପ କରିଥିଲେ। ଏହି ମାମଲାରେ ବାଲେଶ୍ୱର ଭିଜିଲାନ୍ସ ବିଭାଗ ଏକ ମାମଲା (ନଂ. ୨/୧୯୮୭) ରୁଜୁ କରିଥିଲା ଏବଂ ଏହି ମାମଲା ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବିଚାରାଧୀନ ଥିଲା। ଉଲ୍ଲେଖଯୋଗ୍ୟ ଯେ, ଅଭିଯୁକ୍ତ ମଲ୍ଲିକ ଦୀର୍ଘବର୍ଷ ହେଲା ଚାକିରିରୁ ଅବସର ନେବା ପରେ ଏବେ ବୃଦ୍ଧାବସ୍ଥାରେ ପହଞ୍ଚିଛନ୍ତି।

# ୫୦ ଲେମ୍ବୁ ଚାରା ରୋପଣ



ଲେମ୍ବୁ ଚାରା ରୋପଣ କରାଯାଉଛି।

**ଅନୁଗୋଳ ଅଫିସ, ୩୧।୭**

ଅନୁଗୋଳ ବ୍ଲକ ବେତର ଗ୍ରାମରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ଅବସରରେ ଲେମ୍ବୁ ଚାରା ରୋପଣ କରାଯାଇଛି। ବର୍ତ୍ତମାନର ଅସନ୍ତୁଳିତ ପ୍ରକୃତିକୁ ସୁସ୍ଥ କରି ଗଢ଼ି ତୋଳିବା ପାଇଁ ଚାରା ରୋପଣ ସହ ଯତ୍ନ ନେବା ଜରୁରୀ ବୋଲି ଅନୁଷ୍ଠାନର ସଦସ୍ୟମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗ୍ରାମର ବୁଢ଼ା ଠାକୁରଙ୍କ ପୀଠ ନିକଟରେ ଗ୍ରାମବାସୀଙ୍କ ଚାହିଦା ଓ ଆବଶ୍ୟକତା ଅନୁସାରେ ୫୦ଟି ଲେମ୍ବୁ ଚାରା ରୋପଣ କରାଯାଇଛି। ଗଛଗୁଡିକ ବଡ଼ ହେବା ପର୍ଯ୍ୟନ୍ତ ଉଭୟ ଅନୁଷ୍ଠାନ ଓ ଗ୍ରାମବାସୀଙ୍କ ତରଫରୁ ରକ୍ଷଣାବେକ୍ଷଣ କରାଯିବା ନେଇ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ସାଥୀ ପରିବାରର ଶୁଭେନ୍ଦୁ ସାହୁ, ଦିଲୀପ କୁମାର ସାହୁ, ବେତର ଗ୍ରାମର ଛାତ୍ରୀଛାତ୍ର, ହାଡିବନ୍ଧୁ ବେହେରା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଚାରା ରୋପଣ କରିଥିଲେ।

# ୧୧୨ ଯୁବତୀ ଯୁବକଙ୍କୁ କୌଶଳ ଦକ୍ଷତା ତାଲିମ

**ଅନୁଗୋଳ ଅଫିସ, ୩୧।୭**





ଅନୁଗୋଳସ୍ଥିତ ଓପି ଜିନ୍ଦଲ କମ୍ୟୁନିଟି କଲେଜ।

ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଦ୍ୱାରା ପରିଚାଳିତ ଓପି ଜିନ୍ଦଲ କମ୍ୟୁନିଟି କଲେଜ ଅନୁଗୋଳ ଏବଂ ଜାତୀୟ ପଛୁଆବର୍ଗ ଏବଂ ଆର୍ଥିକ ବିକାଶ ନିଗମ (ଏନ୍‌ବିସିଏଫ୍‌ଡିସି) ମଧ୍ୟରେ ରାଜ୍ୟର ଯୁବତୀ ଯୁବକମାନଙ୍କୁ ନିଃଶୁଳ୍କ କୌଶଳ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଅନୁଗୋଳ ଜିଲାର ଛେଣ୍ଡିପଦା ଏବଂ ବଣାଁରପାଳ ବ୍ଲକର ୧୧୨ ଯୁବତୀ ଯୁବକଙ୍କୁ କୌଶଳ ଦକ୍ଷତା ତାଲିମ ବିକାଶ ପାଇଁ ଚୟନ କରାଯାଇଛି। ଏହି ଅବସରରେ ଆୟୋଜିତ ଚୟନ କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝି, ଜେଏସ୍‌ପି ଅନୁଗୋଳ ସିଏସ୍‌ଆର୍ ଅଧିକାରୀ ତାପସ ମହାନ୍ତି, ଏନ୍‌ବିସିଏଫ୍‌ଡିସି ଅଧିକାରୀ ନରେଶ ତ୍ୟାଗୀ, ବ୍ୟାଙ୍କ ଅଫ ଇଣ୍ଡିଆ ଅଧିକାରୀ ସୁଶ୍ରୀ କରିସ୍ମା ଏବଂ ଓପି ଜିନ୍ଦଲ କମ୍ୟୁନିଟି କଲେଜର ଅଧ୍ୟକ୍ଷ ପ୍ରସନ୍ନ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏନ୍‌ବିସିଏଫ୍‌ଡିସି ଓପି ଜିନ୍ଦଲ କମ୍ୟୁନିଟି କଲେଜ ଅନୁଗୋଳକୁ ଆର୍‌ପିଏଲ୍ ସ୍କିମ ମାଧ୍ୟମରେ କୌଶଳ ବିକାଶ ପାଇଁ ଏକ ଚୁକ୍ତିନାମା ହୋଇଛି।

# ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନିମନ୍ତେ ପ୍ରଶିକ୍ଷଣ

**କଣିହାଁ,୩୧।୭(ଡି.ଏନ.ଏ)**





ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କଣିହାଁ ବ୍ଲକ ଆର୍‌ଡବ୍ଲ୍ୟୁଏସ୍ କାର୍ଯ୍ୟାଳୟ ପରିସରରେ ଶନିବାର ସ୍ୱଚ୍ଛ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସ୍ୱାବଲମ୍ବୀ କାରିଗରଙ୍କ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ଉପସଭାପତି ରଶ୍ମିତା ସେଠୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ମଧୁସ୍ମିତା ବେହେରା ପରିଚାଳନା କରିଥିଲେ। ପ୍ରଥମ ଦିନରେ ୨୬ଜଣ ସ୍ୱାବଲମ୍ବୀ କାରିଗର ଯୋଗଦେଇଥିଲେ। ୯ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ। ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଶିବାନୀ ଏଜୁକେଶନ ଟ୍ରଷ୍ଟର ଟ୍ରେନରମାନେ ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବାରେ ଜଣାପଡ଼ିଛି।

# ପ୍ରକୃତି ସୁରକ୍ଷାରେ ସାମିଲ ହେବାକୁ ଆହ୍ୱାନ

**ଅନୁଗୋଳ ଅଫିସ, ୩୧।୭**

ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ଅବସରରେ ଅନ୍ତୁଳିଆ ଉଚ୍ଚ ବିଦ୍ୟାଳୟ ଠାରେ ଏକ ସଚେତନତା ସଭା ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ତଥା ଜଙ୍ଗଲପ୍ରେମୀ ରାଜେନ୍ଦ୍ର କୁମାର ପ୍ରଧାନ ପରିଚାଳନା କରିଥିଲେ। ଅନ୍ତୁଳିଆ ସରପଞ୍ଚ ମଧୁସ୍ମିତା ସାହୁ, ଅନ୍ତୁଳିଆ ଜୈବ ବିବିଧତା ପରିଚାଳନା ସମିତି ଅଧ୍ୟକ୍ଷ କୁମୁଦ ଚନ୍ଦ୍ର ପ୍ରଧାନ, କନ୍ତପଡା ଜୈବ ବିବିଧତା ପରିଚାଳନା ସମିତି ଅଧ୍ୟକ୍ଷ ବୀରେନ କୁମାର ପ୍ରଧାନ, ଟାଇଁସି ଜୈବ ବିବିଧତା ପରିଚାଳନା ସମିତି ଅଧ୍ୟକ୍ଷ ତଥା ବନ୍ୟଜନ୍ତୁ ପ୍ରେମୀ ସୁଶୀଲ କୁମାର ପ୍ରଧାନ ଏବଂ ସମିତିର ସମ୍ପାଦକ ତଥା ଜୈବ ବିବିଧତା ବିଶେଷଜ୍ଞ ପ୍ରସନ୍ନ କୁମାର ବେହେରା ପ୍ରମୁଖ ଯୋଗଦେଇ ପ୍ରକୃତିର ସୁରକ୍ଷାରେ ସାମିଲ ହୋଇ ଚିରସ୍ଥାୟୀ ବ୍ୟବହାର ଓ ପରିଚାଳନାକୁ ଆପଣେଇବା ପାଇଁ ପରାମର୍ଶ ଦେଇଥିଲେ। ଜଙ୍ଗଲ ସୁରକ୍ଷା, ଚାରା ରୋପଣ, ସ୍ୱଦେଶୀ କୃଷି କାର୍ଯ୍ୟ, ଦେଶୀୟ ବିହନର ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ତୁଳିଆ ସଭାପତି ଭରତ ଚନ୍ଦ୍ର ସାହୁ, ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ମାଝି ଏବଂ ସମିତି ସଂଯୋଜକ ଯଶୋବନ୍ତ ସାହୁ ସହଯୋଗ କରିଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତାମାନଙ୍କ ସହ ଛାତ୍ରୀଛାତ୍ରମାନେ।

# ପବିତ୍ରନଗରରେ ଶୀତଳ ଭଣ୍ଡାର ଦାବି

**କଣିହାଁ/ ପବିତ୍ରନଗର,୩୧।୭(ଡି.ଏନ.ଏ)**



କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ବରିଷ୍ଠ କର୍ମୀ ଓ ଅନ୍ୟମାନେ।

ଭାଜପାର ପବିତ୍ରନଗର ମଣ୍ଡଳ ପକ୍ଷରୁ ୪ର୍ଥ କାର୍ଯ୍ୟକାରିଣୀ ବୈଠକ ମଣ୍ଡଳ ସଭାପତି ପ୍ରହଲାଦ ସାମଲଙ୍କ ସଭାପତିତ୍ୱରେ ପରାବିଲ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଦଳ ପକ୍ଷରୁ ଏକ ରାଜନୈତିକ ଚିଠା ପ୍ରସ୍ତାବ ଜିଲାକାର୍ଯ୍ୟକାରିଣୀ ସଦସ୍ୟ ରମେଶ ପ୍ରଧାନ ଆଗତ କରିଥିଲାବେଳେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ ସଂକଳନ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଯୋଗଦେଇ କହିଲେ, ଚାଷୀଙ୍କୁ ସାର ଯୋଗାଇବାରେ ସରକାର ବିଫଳ। ଗରିବ ଚାଷୀଙ୍କ ପାଖରେ ସରକାରୀ ସହାୟତା ପହଞ୍ଚି ପାରୁନାହିଁ। ପ୍ରଧାନମନ୍ତ୍ରୀଙ୍କ କିଷାନ ସମ୍ମାନ ନିଧି ଚାଷୀମାନଙ୍କୁ ମିଳୁନାହିଁ। ସେହିପରି ଜଳସେଚନ ବ୍ୟବସ୍ଥା ନ ଥିବା ହେତୁ ମରୁଡି ଦେଖାଦେଲାଣି। ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି କେବଳ ପ୍ରହସନ ପାଲଟିଛି ବୋଲି ସେ ପ୍ରକାଶ କରିଥିଲେ। ଟିପିସିଓଡିଏଲ ବିଦ୍ୟୁତ୍ କମ୍ପାନୀ ଅଘୋଷିତ ବିଦ୍ୟୁତ୍ କାଟ୍ ଓ ଦରବୃଦ୍ଧିକୁ ନିନ୍ଦା କରାଯିବା ସହ ପବିତ୍ରନଗର ଠାରେ ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ଦାବି କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ଯୋଜନାକୁ ପ୍ରଶଂସା କରି ସମସ୍ତଙ୍କ ନିକଟରେ କେନ୍ଦ୍ର ସରକାରଙ୍କ ଯୋଜନା ପହଞ୍ଚାଇବାକୁ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଥିଲା। ନବନିର୍ବାଚିତ ସମବାୟ ସମିତି ସଭାପତି ରଞ୍ଜନ ସାମଲ ଗଣେଶ ମାଝି ଓ ସମସ୍ତ ନିର୍ଦ୍ଦେଶକଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସଂଯୋଜକ ଚନ୍ଦନ ସ୍ୱରାଜ, ସରପଞ୍ଚ କବିତା ରାଣୀ ପ୍ରଧାନ, ଧରଣୀଧର ବେହେରା, ହୃଷୀକେଶ ସାମଲ, ସମିତିସଭ୍ୟ ପ୍ରିୟରଞ୍ଜନ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବତନ ସରପଞ୍ଚ ବିଜୟ ପ୍ରଧାନ, ଡମ୍ବରୁ ପ୍ରଧାନ, ମନୋଜ ପ୍ରଧାନ, ହିମାଂଶୁ ପାତ୍ର, ପଣ୍ଡିତ ପ୍ରଧାନ, ପବିତ୍ର ବେହେରା, ରମେଶ ସାହୁ, ମନୋଜ ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ଅନୁଗୋଳ ସହର ଉପକଣ୍ଠରେ ଅସ୍ତଗାମୀ ସୂର୍ଯ୍ୟ ଏକ ଗଛର ଫଳ ଭଳି ଦୃଶ୍ୟମାନ। ଫଟୋ-(ବୁବୁ)

# ଗୁଣି ଗାରେଡ଼ିଠାରୁ ଦୂରରେ ରୁହ

**ସାପ ସଚେତନତା କର୍ମଶାଳା**

**ଅନୁଗୋଳ ଅଫିସ, ୩୧।୭**

ଅନୁଗୋଳ ଜିଲାରେ ବର୍ଷା ଦିନରେ ସାପଙ୍କ ପ୍ରାଦୁର୍ଭାବ ଅଧିକ। ସାପ କାମୁଡ଼ିଲେ ତୁରନ୍ତ ଚିକିତ୍ସା ପାଇଁ ମେଡ଼ିକାଲକୁ ଯାଅ। ଗୁଣି ଗାରେଡ଼ି ଓ ଅନ୍ଧ ବିଶ୍ୱାସଠାରୁ ଦୂରେଇ ରୁହ ବୋଲି ରବିବାର ସ୍ଥାନୀୟ କୁମୁରିସିଂହାରେ ସାଥି ପରିବାର ପକ୍ଷରୁ ଆୟୋଜିତ ସାପ ସଚେତନତା କର୍ମଶାଳାରେ ମତପ୍ରକାଶ ପାଇଛି। ସର୍ପମିତ୍ର ଆଦିତ୍ୟ ବେହେରା ରିସୋର୍ଟ ବ୍ୟକ୍ତି ଭାବେ ଯୋଗଦେଇ ଗ୍ରାମବାସୀଙ୍କୁ ବିସ୍ତୃତ ଭାବେ ସାପ କାମୁଡ଼ା ଉପରେ ବୁଝାଇଥିଲେ। ବର୍ଷା ଦିନରେ ସାପ କାମୁଡ଼ିଲେ ତାର ତୁରନ୍ତ ଚିକିତ୍ସା ପାଇଁ ସ୍ଥାନୀୟ ମେଡ଼ିକାଲକୁ ଯିବାକୁ ଲୋକଙ୍କୁ ସଚେତନ କରାଯାଇଥିଲା। ଏଭଳି କି ବିଷଧର ସାପ କାମୁଡ଼ିଲେ ଲକ୍ଷଣ ଓ ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କରେ ଅବଗତ କରାଯାଇଥିଲା। ସାପ ପାଖରୁ କିଭଳି ଲୋକମାନେ ଦୂରେଇ ରହିବେ, ବିଷଧର ଓ ବିଷହୀନ ସାପକୁ କିଭଳି ଚିହ୍ନଟ କରିବେ ସେନେଇ ମଧ୍ୟ ସଚେତନ କରାଯାଇଥିଲା। ଅନୁଷ୍ଠାନର ପିଣ୍ଟୁ ବେହେରା, କୁମୁରିସିଂହା ସରପଞ୍ଚ ଦୁର୍ଯ୍ୟୋଧନ ସାହୁ, ଅଜାତି ସାହୁ, ଅଭୟ ସେଠୀ ପ୍ରମୁଖ ସହଯୋଗ କରିଥିଲେ। କର୍ମଶାଳାରେ ଗ୍ରାମର ଜନସାଧାରଣ ଯୋଗଦେଇଥିଲେ।



କର୍ମଶାଳାରେ ଯୋଗଦେଇଥିବା କୁମୁରିସିଂହା ଗ୍ରାମବାସୀ।

## ସଂକ୍ଷେପରେ

### ହନୁମାନ ପଇସା ଡକାୟତି ଘଟଣା: ୨ କୋର୍ଟଚାଲାଣ

ଅନୁଗୋଳ ଅଫିସ,୩୧।୭

ଅନୁଗୋଳ ସଦର ଥାନା ବେନ୍ତପୁର ଗ୍ରାମରେ ହନୁମାନ ପଇସା ଡକାୟତି ଘଟଣାରେ ରବିବାର ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଅନୁଗୋଳ ଜିଲା ବିକ୍ରମପୁର ଥାନା ବଡ଼ଜୋରଡ଼ା ଗ୍ରାମର ରାଜେଶ ପ୍ରଧାନ(୩୨) ଓ କୋଲିୟାରୀ ଥାନା ଅଞ୍ଚଳର ଦାମୋଦର ନାଏକ(୪୨)। ଥାନା ଅଧିକାରୀ ସତ୍ୟବ୍ରତ ରାଉତ କହିଛନ୍ତି, ଗତ ଜୁନ୍ ୨୪ରେ ୪ରୁ ୫ ଜଣ ଯୁବକ ଏକ ବୋଲେରୋରେ ଆସି ବେନ୍ତପୁରରେ ରହୁଥିବା ଲିଜାଙ୍କ ଘରୁ ଦୁଇଟି ହନୁମାନ ପଇସା ଚୋରି କରି ନେଇଥିଲେ। ଏ ନେଇ ସେ ସଦର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ନଂ. ୪୬୨/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ପୁଅ ମାଡ଼ରେ ବାପା ଗୁରୁତର

**ଅନୁଗୋଳ ଅଫିସ, ୩୧।୭:**
ଅନୁଗୋଳ ଜିଲା ବିକ୍ରମପୁର ଥାନା ଗୋବରା ଗ୍ରାମରେ ରବିବାର ମଦ୍ୟପ ପୁଅ ମାଡ଼ରେ ବାପା ଗୁରୁତର ହୋଇଛନ୍ତି। ଏ ନେଇ ବାପା ଜଗଦିଶ୍ ନାଏକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୨୦୦/୨୨ରେ ମାମଲା ରୁଜୁ କରିଛି। ପୋଲିସ କହିଛି, ପୁଅ ସଞ୍ଜୟ ମଦ୍ୟପାନ କରି ଘରକୁ ଆସିଥିଲେ। ପରେ ନିଶାସକ୍ତ ଅବସ୍ଥାରେ ବାପା ଜଗଦୀଶ୍‌ଙ୍କ ମୁଣ୍ଡକୁ ହାତରେ ପିନ୍ଧିଥିବା ବଳାରେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଶିକ୍ଷାବିତ୍‌ଙ୍କ ପରଲୋକ



ଆଠମଲ୍ଲିକ,୩୧।୭(ଡି.ଏନ.ଏ.)- ଆଠମଲ୍ଲିକ ଏନ୍ଏସି ଅନ୍ତର୍ଗତ ୬ନମ୍ବର ୱାର୍ଡର ଶିକ୍ଷାବିତ୍ ଯୁଧିଷ୍ଠିର ତ୍ରିପାଠୀ(୬୯)ଙ୍କ ରବିବାର ପରଲୋକ ହୋଇଯାଇଛି। ଯୁଧିଷ୍ଠିର ବି.ଆର୍.ସି.ସି ଓ ବିଦ୍ୟାଳୟ ଅନୁ ନିରୀକ୍ଷକ ଦାୟିତ୍ୱରେ ରହି ଚାକିରିରୁ ଅବସର ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବରିଷ୍ଠ ଆଇନଜୀବୀ ଅସିତ ରଞ୍ଜନ ଦେଓ, ଏନଏସି ଅଧକ୍ଷା ଆଶା କୁମାରୀ ସାହୁ, ଉପ ନଗରପାଳ ଗଦାଧର ସ୍ୱାଇଁ, ଅବସର ପ୍ରାପ୍ତ ପ୍ରାଧାପକ ଗିରିଶ ଚନ୍ଦ୍ର ବଡମାଳି, ଆଇନଜୀବୀ ପିତବାସ ସାହୁ, ଶିକ୍ଷକ ସଦାଶିବ ଦଳବେହେରା, ପ୍ରଦୀପ ବାହୁକ, ପ୍ରଦୀପ ସେଠୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶର୍ଯ୍ୟା ନିକଟରେ ସ୍ତ୍ରୀ, ଦୁଇ ଝିଅ, ପୁଅ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

# ଶିଳ୍ପସଂସ୍ଥା ବସ୍ ଧକ୍କାରେ ଯୁବକ ମୃତ

- ବେପରୁଆ ଗାଡ଼ି ଚାଳନା ହେଲା କାଳ
- ମାଉସୀ ଘରକୁ ଯାଉଥିଲେ
- ଘଟଣାସ୍ଥଳରେ ଚାପା ଉତ୍ତେଜନା

ଅନୁଗୋଳ ଅଫିସ,୩୧।୭

ଅନୁଗୋଳ ଥାନା ଅଞ୍ଚଳ ହେମସୁରପଡ଼ା ଶିବା ଫିଲ୍ଡ ନିକଟରେ ରବିବାର ବେପରୁଆ ଗାଡ଼ି ଚାଳନା ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଦର ଥାନା କୁମଣ୍ଡ ଚଣ୍ଡିବଜାର ଅଞ୍ଚଳର ତ୍ରିଲୋଚନ ବେହେରା(୨୪)। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ. ୪୦୯/୨୨ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ତ୍ରିଲୋଚନ ବିଇଡି ପ୍ରବେଶିକା ପରୀକ୍ଷା ଦେଇ ଘରେ ପହଞ୍ଚିଥିଲେ। ଏହାପରେ ସେ ଇକୋ ପାର୍କ ନିକଟରେ ଥିବା ମୌତି ନଗରରେ ରହୁଥିବା ମାଉସୀ ଘରକୁ ସ୍କୁଟି ଯୋଗେ ଖାଇବା ନେଇ ଯାଉଥିବାବେଳେ ଶିବା ଫିଲ୍ଡ ନିକଟରେ ଏକ ଶିଳ୍ପ ସଂସ୍ଥାର ବସ୍ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ବସ୍‌ଟି ଦ୍ରୁତ ଗତିରେ ଇକୋ ପାର୍କ ଆଡ଼କୁ ପଳାଇଥିଲା। ଏହାପରେ ଡ୍ରାଇଭର ବସ୍‌କୁ ଛାଡି ଫେରାର ହୋଇଯାଇଛନ୍ତି। ପୋଲିସ ଦୁର୍ଘଟଣାସ୍ଥଳରୁ ସ୍କୁଟି ନଂ.(ଓଡି-୧୯-ୟୁ-୧୪୦୫) ଓ ଇକୋ ପାର୍କ ନିକଟରୁ ବସ୍ ନଂ.(ଓଡି-୧୯- ଭି-୦୬୯୦)କୁ ଜବତ କରିଛି। ବସ୍ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି।




ଦୁର୍ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି।

# କିରାଣିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବଇଣ୍ଡା,୩୧।୭(ଡି.ଏନ.ଏ.)**

କିଶୋରନଗର ବ୍ଲକ ନାକିଚିସ୍ଥିତ ମା' ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟର କନିଷ୍ଠ କିରାଣି ଶରତ କୁମାର ପ୍ରଧାନଙ୍କୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମରେଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଭାଗୀରଥି ପ୍ରଧାନ, ଆମ୍ବପାଳ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେନ୍ଦ୍ର ସ୍ୱାଇଁ, ସିଆରସିସି ଶରତ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାରଥୀ ରଣା, ମୋ ସ୍କୁଲ ଅଭିଯାନ ସଭାପତି ସନ୍ତୋଷ କୁମାର ପ୍ରଧାନ, ଶିକ୍ଷକ ଟୁକୁ ବେହେରା, ଅମରେନ୍ଦ୍ର ବଡ଼ମାଳି, ଅପରାଜିତା ମିଶ୍ର, ସୁକାନ୍ତି ପ୍ରଧାନ, ଅକ୍ଷୟ ସାହୁ, ରୀନା ନାୟକ, ଶରତ ପ୍ରଧାନ ପ୍ରମୁଖ ଯୋଗଦେଇ ଶରତଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେ ଦୀର୍ଘ ୩୬ ବର୍ଷ ହେବ ଏହି ବିଦ୍ୟାଳୟରେ କାର୍ଯ୍ୟ କରୁଥିବାବେଳେ ତାଙ୍କ ପରି ଆଦର୍ଶ କର୍ମଚାରୀ ଭାବେ ନିଜକୁ ଗଢି କାର୍ଯ୍ୟ କରିବାକୁ ଅତିଥିମାନେ ଉପସ୍ଥିତ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ।




ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

# ବନୀକରଣ, ରକ୍ତଦାନ ଶିବିର




**ଆଠମଲ୍ଲିକ,୩୧।୭(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଲୁହାସିଙ୍ଗା ଓ ଜାମୁଡୋଲି ପଞ୍ଚାୟତରେ ବିଜେଡି ପକ୍ଷରୁ ବୃକ୍ଷରୋପଣ ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଜାମୁଡୋଲି ପଞ୍ଚାୟତ ମହାନଦୀ ତଟରେ ଥିବା ପର୍ଯ୍ୟଟନ କେନ୍ଦ୍ର ମା' ବିନିକେୟୀ ପୀଠ ଓ ଲୁହାସିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ବିଧାୟକ ରମେଶ ଚନ୍ଦ୍ର ସାଏ, ଏସିଏଫ ଗୌରୀଶଙ୍କର ଦାସ, ସରପଞ୍ଚ ସୁଦର୍ଶନ ଗାଇଗାରିଆ, ସମିତିସଭ୍ୟ ଅଖିଳ ପ୍ରଧାନ, ଜାମୁଡୋଲି ସରପଞ୍ଚ ପ୍ରଭାକର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଲୁହାସିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଉପଖଣ୍ଡ ଡାକ୍ତରଖାନା ଡାକ୍ତର ନନ୍ଦନ ପଣ୍ଡାଙ୍କ ନେତୃତ୍ୱରେ ବ୍ଲଡ୍ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମା' ଲୋଭୀଙ୍କ ତାଳ ନୂଆଁ ପର୍ବ

**ବଅଁରପାଳ,୩୧।୭(ଡି.ଏନ.ଏ.)**

ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଲୋଭୀଙ୍କ ତାଳ ନୂଆଁ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ତୁଳସୀପାଳ ସ୍ଥିତ ଦିଅଁ ଘରୁ ବାଦ୍ୟ ବାଜଣା ସହକାରେ ମା'ଙ୍କ ଆଲମକୁ ଏକ ଶୋଭାଯାତ୍ରାରେ ଯାତ୍ରା ସ୍ଥଳୀକୁ ଅଣାଯାଇଥିଲା। ଏହାପରେ ମାଜଣା ବଡ଼ପୂଜା ପର୍ବ ସମ୍ପନ୍ନ ହୋଇଥିଲା। ମାନସିକ ପୂରଣ ନିମନ୍ତେ ବହୁ ଶ୍ରଦ୍ଧାଳୁ ଅଧିଆ ପଡ଼ିଥିଲେ। ସେହିପରି ବହୁ ଶିଶୁଙ୍କ ମୁଣ୍ଡନ ହୋଇଥିଲା। ଆଖପାଖ ଅଞ୍ଚଳରୁ ବହୁ ଭକ୍ତ ଯୋଗ ଦେଇଥିଲେ। ଉଭୟ ଗ୍ରାମବାସୀ ଯାତ୍ରା ପରିଚାଳନା କରିଥିଲେ।



# ଜାଣିଲେ ନୂତନ ଶିକ୍ଷାନୀତି




ଶିବିରରେ ଅଂଶଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ, ସିଆରସିସିମାନେ।

**୨୭ ଶିକ୍ଷାନୁଷ୍ଠାନର ଶିକ୍ଷକ, ସିଆର୍‌ସିସିଙ୍କୁ ତାଲିମ୍**

**ବଇଣ୍ଡା,୩୧।୭(ଡି.ଏନ୍.ଏ.)**

କିଶୋରନଗର ବ୍ଲକ ବିଶ୍ୱ ଯୁବକେନ୍ଦ୍ର ପରିସରରେ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ୨ ଦିନିଆ ଷ୍ଟାର ସ୍କୁଲ ପ୍ରକଳ୍ପ ବିଦ୍ୟାଳୟ ପରିଚାଳନା ଦକ୍ଷତା ତାଲିମ ଶିବିର କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶନିବାର ଅନୁଗୋଳ ଜିଲା ପରିଷଦ ସଭାପତି ବବିତା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଜାମୁନାଳି, ଲୁହାମୁଣ୍ଡା, ଗାଁ ବଇଣ୍ଡା, କଣ୍ଟେଇକୋଳିଆ ପଞ୍ଚାୟତର ୨୭ଟି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସିଆରସିସିମାନେ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷକ ଭାବେ ଲକ୍ଷ୍ମଣ ସାହୁ, ସୌରଭ ପାଣିଗ୍ରାହୀ ଯୋଗଦେଇ ନୂତନ ଶିକ୍ଷା ନୀତି ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ରବିବାର ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବଇଣ୍ଡା କଲେଜ ଅଧକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା ଯୋଗଦେଇ ଶିକ୍ଷା ପ୍ରସାର ଦିଗରେ ଶିକ୍ଷକ ସମାଜର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଶ୍ୱ ଯୁବକେନ୍ଦ୍ରର ସହ ସମ୍ପାଦକ କ୍ଷୀରୋଦ ମୋହନ ଦେହୁରୀ, ସିଆରସିସି ବସନ୍ତ ପ୍ରଧାନ, ପ୍ରତାପ ପ୍ରଧାନ, ଭବାନୀ ଶଙ୍କର ପ୍ରଧାନ ଯୋଗଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ ମହାପାତ୍ର ପରିଚାଳନା କରିଥିଲେ। ଅଭୟ ସ୍ୱାଇଁ, ଅଭିଷେକ ମହାପାତ୍ର ସହଯୋଗ କରିଥିଲେ। ପ୍ରକଳ୍ପ ଅଧିକାରୀ ଜୟନ୍ତ ଜେନା ଧନ୍ୟବାଦ ଦେଇଥିଲେ।

# ଜନମତ ଚାପରେ ବନ୍ଦ ହେବ ମଦଦୋକାନ

- ତୃଣମୂଳସ୍ତରରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି
- ଆନ୍ଦୋଳନ ତୀବ୍ର କରିବାକୁ ସଂକଳ୍ପ

**ଅନୁଗୋଳ ଅଫିସ,୩୧।୭**

ମଦମୁକ୍ତି ଓଡ଼ିଶା ଗଠନ ଲକ୍ଷ୍ୟରେ ମଦମୁକ୍ତି ଯୁବବାହିନୀ ପକ୍ଷରୁ ଅନୁଗୋଳ ମାରୱାଡି ଯୁବମଞ୍ଚଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି 'ଯୁବସମ୍ବାଦ' କାର୍ଯ୍ୟକ୍ରମ। ଏଥିରେ ଢେଙ୍କାନାଳ, ଅନୁଗୋଳ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ଯୁବତୀଯୁବକ ଯୋଗଦେଇ ମଦ ବିରୋଧୀ ଆନ୍ଦୋଳନକୁ ତୀବ୍ର କରିବାକୁ ସଂକଳ୍ପ ନେଇଛନ୍ତି। କେବଳ ଜନମତ ଚାପରେ ମଦ ଦୋକାନ ବନ୍ଦ ହୋଇପାରିବ। ଏ କ୍ଷେତ୍ରରେ ତୃଣମୂଳସ୍ତରରୁ କାର୍ଯ୍ୟ କରିବାକୁ ସାମୂହିକ ନିଷ୍ପତ୍ତି ହୋଇଛି।

ରାଜ୍ୟ ସରକାର ଟିକସ ଆଦାୟ ପାଇଁ ମଦଦୋକାନ ଖୋଲିବାକୁ ସ୍ୱାଧୀନତା ଦେଇଛନ୍ତି। ଏହାଦ୍ୱାରା ଯୁବପିଢ଼ି ପଥଭ୍ରଷ୍ଟ ହେବା ସହ ପରିବାର ଉଜୁଡ଼ିଯାଉଛି। ସାମାଜିକ ସମସ୍ୟା ବଢ଼ିବାରେ ଲାଗିଛି। ତଥାପି ଏହାକୁ ନେଇ ଜନପ୍ରତିନିଧିମାନେ ସ୍ୱର ଉତ୍ତୋଳନ ନ କରିବା ପରିତାପର ବିଷୟ। ଏକ ଗଣତାନ୍ତ୍ରିକ ସରକାର ମଦ ବିକିବା ନିନ୍ଦନୀୟ ବୋଲି ମତପ୍ରକାଶ ପାଇଥିଲା। ରାଜ୍ୟର ଯୁବବର୍ଗଙ୍କୁ ମଦବିରୋଧୀ ଅଭିଯାନରେ ସାମିଲ କରିବାକୁ ମଦମୁକ୍ତି ଯୁବବାହିନୀ 'ଯୁବ ସମ୍ବାଦ' କାର୍ଯ୍ୟକ୍ରମ ଆୟୋଜନ କରୁଛି ବୋଲି ଆବାହକ ସତ୍ୟବ୍ରତ ପୃଷ୍ଟି ସୂଚନା ଦେଇଥିଲେ।

ଏହି ଅବସରରେ ପର୍ଶୁରାମ ଦାଶଙ୍କ ନେତୃତ୍ୱରେ ହୁଲିରିସିଙ୍ଗା ଛକ ଜାତୀୟ ରାଜପଥ ପାର୍ଶ୍ୱରେ ଏକ ମାନବ ଶୃଙ୍ଖଳ କରାଯାଇଥିଲା। ଅନୁଗୋଳ ଜିଲା ସଂଯୋଜକ ଦୀପକ କୁମାର ପ୍ରଧାନ, ସହସଂଯୋଜକ ଅଶିଷ ଛନ୍ଦ, ଢେଙ୍କାନାଳ ଜିଲା ସଂଯୋଜକ ସଞ୍ଜୟ ମହାନ୍ତି, କାର୍ଯ୍ୟକାରିଣୀ ସଦସ୍ୟ ଡ. ତାରାକାନ୍ତ ନାୟକ, ଲଲାଟେନ୍ଦୁ ପାତ୍ର, ହରିଶ ପାଣିଗ୍ରାହୀ, ହିମାଂଶୁ ଶେଖର ନାୟକ, ଅଭିଜିତ୍ ପାତ୍ର, ମନୋଜ ସାହୁ, ରଶ୍ମିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ମଦମୁକ୍ତ ଯୁବବାହିନୀର ସଦସ୍ୟମାନେ।

